# Akashvani, Sambalpur

# SAMBALPURI NEWS BULLETIN

## 21 November 2024- 6.47- 6.52 am.

*********************************************

ହରେକୃଷ୍ଣ ମହତାବ- ଜୟନ୍ତୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଉତ୍କଳ କେଶରୀ ଡକ଼୍ଟର୍ ହରେକୃଷ୍ଣ ମହତାବଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀ ଉତ୍ସବ୍ ଆଏଜ୍ ଦିନର୍ ୧୧ ବଜେ ନୂଆଦିଲ୍ଲୀ ବିଜ୍ଞାନ୍ ଭବନ୍ ନ ହେବା । ଇ ଉତ୍ସବ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ସଂସ୍କୃତି ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଆର୍ ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହେବେ । ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ସମ୍ମାନ୍‌ଥି ହେଉଥିବା ଇ କାର୍ଯ୍ୟକ୍ରମ୍‌ଥି ଗୁଟେ ସ୍ୱତନ୍ତ୍ର ସ୍ମାରକୀ ଡାକ୍‌ଟିକଟ୍ ଆଉ ମୁଦ୍ରା ଉନ୍ମୋଚନ୍ କରାଯିବା । ଇତାର୍‌ଛଡ଼ା ସଂସ୍କୃତି ମନ୍ତ୍ରଣାଳୟ ତର୍‌ଫୁ ମହତାବ୍‌ଙ୍କର୍ ଜୀବନୀ ଆଉ ପରମ୍ପରା ଉପ୍‌ରେ ଗୁଟେ ପ୍ରଦର୍ଶନୀ ରଖାଯାଇଛେ ।

ଡକ୍ଟର୍ ହରେକୃଷ୍ଣ ମହତାବ୍ ଜୟନ୍ତୀ-୧ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଆଏଜ୍‌ଠାନୁ ଆଏବା ୨୩ ତାରିଖ୍‌ତକ୍ ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜନ୍ମ ବାର୍ଷିକୀ ସ୍ମରଣ ଉତ୍ସବ୍ ପାଲନ୍ କରାଯିବା । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା । ୩ ଦିନ୍ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ମହତାବ୍‌ଙ୍କର୍ ସ୍ମୃତିଚାରଣ୍ ସହେତେ ଭିନ୍ ଭିନ୍ ପୁସ୍ତକ୍ ଉନ୍ମୋଚନ୍, ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଫଟୋଚିତ୍ର ପ୍ରଦର୍ଶନୀ କରାଯିବା ।

ଡକ୍ଟର୍ ମହତାବ୍ ଜୟନ୍ତୀ-ଉଚ୍ଚସ୍ତରୀୟ କମିଟି/ଆର୍‌ଏନ୍‌ୟୁ ସମ୍ବଲପୁର

ଓଡ଼ିଶାର୍ ଆଘର୍ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀ ପାଲନ୍ ଲାଗି କେନ୍ଦ୍ର ସର୍‌କାର୍ ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କରିଛନ୍ । ଇ କମିଟିଥି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଅଧ୍ୟକ୍ଷ ଥିବାର୍ ବେଲେ

ଅଲ୍‌ଗା ୨୩ ଝନ୍ ସଦସ୍ୟ ଅଛନ୍ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ତର୍‌ଫୁ ଜାରି ହେଇଥିବା ବିଜ୍ଞପ୍ତି ଅନ୍‌ସାରେ ଇ କମିଟିଥି ଏକ୍ସ ଅଫିସିଓ ସଦସ୍ୟ ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସାଂସଦ୍ ଭର୍ତୃହରି ମହତାବ୍ ପ୍ରମୁଖ ଅଛନ୍ । ଡକ୍ଟର୍ ମହତାବ୍‌ଙ୍କର୍ ଶହେ ୨୫ ନମ୍ବର୍ ଜୟନ୍ତୀ ପାଲନ୍ ଲାଗି ଦର୍‌କାରୀ କାର୍ଯ୍ୟକ୍ରମ୍‌ର ରୂପରେଖ ତୟାରି କର୍‌ବାର୍ ସହେତେ ନୀତିଗତ ନିଷ୍ପତି ଇ କମିଟି ଜରିଏ ଥିର୍ କରାଯିବା ।

ଦାଦନ୍ ଶ୍ରମିକ୍ ବିସ୍ଥାପନ୍ ସମସ୍ୟା ଆର୍‌ଏନ୍‌ୟୁ /ସମ୍ବଲପୁର

ଦାଦନ୍ ଶ୍ରମିକ୍ ବିସ୍ଥାପନ୍ ସମସ୍ୟାକେ ନେଇକରି ରାଜ୍ୟ ସର୍‌କାର୍ ଗଢ଼ିଥିବା ଉଚ୍ଚସ୍ତରୀୟ ଟାସ୍କଫୋର୍ସର ବୈଠକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ହେଇଯାଇଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅଧ୍ୟକ୍ଷତା କରିକରି ଦାଦନ୍ ଶ୍ରମିକ୍‌ର ମୂଲ୍ କାରଣ୍ ଆର୍ ସମାଧାନ୍ ଦିଗେ ଆଲୋଚନା କରିଥିଲେ । ସୂଚ୍‌ନା ଅନ୍‌ସାରେ ସ୍ୱେଚ୍ଛାସେବୀ

ଅନୁଷ୍ଠାନ୍ 'ନଜ୍ ଫାଉଣ୍ଡେସନ୍' ଓଡ଼ିଶା ନ ଦାଦନ୍ ଶ୍ରମିକ୍ ବିସ୍ଥାପନ ଜନିତ ସମସ୍ୟା ସମାଧାନ୍ ଦିଗେ କାମ୍ କର୍ବା ।

ନଗର୍ ଉନ୍ନୟନ୍ ମନ୍ତ୍ରୀ-ନିରାମୟ କେନ୍ଦ୍ର   ଆର୍ଏନ୍ୟୁ /ସମ୍ବଲପୁର

ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ଗଲାକାଏଲ୍ ଓଡ଼ିଶା ରାଜ୍ୟ ଔଷଧ ନିଗମ୍ ନ ଚାଲିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍ର ସମୀକ୍ଷା କରିଛନ୍ । ଠିକ୍ ସମିଆଥି ଔଷଧ ଘିନ୍ବାର୍ ଆର୍ ବାଂଟ୍ବାର୍କେ ତୁର୍ତି କରିକରି ସାଧାରଣ୍ ରୋଗୀଙ୍କର୍ ପାଖେ ଦର୍କାର୍ ଅନ୍ସାରେ ଉଷୋ ପହଁଚାବାର୍ ଲାଗି ମନ୍ତ୍ରୀ ପରାମର୍ଶ ଦେଇଛନ୍ । ଇତାର୍ସହେତେ ସର୍କାରୀ ହାସ୍ପାତାଲ୍ମାନ୍କେ ଥିବା ନିରାମୟ କେନ୍ଦ୍ର ମାନ୍କୁ ୨୪ ଘଂଟା ଖୁଲା ରଖିବାର୍ ଲାଗି ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ଅବକାରୀ ବିଭାଗ୍- ସମୀକ୍ଷା ବୈଠକ୍    ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ବେଆଇନ୍ ନିଶା କାର୍‌ବାର୍ ରୁକ୍‌ବାର୍‌କେ ଗୁଟେ କଡ଼ା ଆଇନ୍ ତୟାର୍ କରାଯିବା ବଲି ଆଇନ୍, ପୂର୍ତ ଆଉ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ଅବକାରୀ ବିଭାଗ୍‌ର ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ଯେ, ଖଣି ବିଭାଗ୍ ଉତ୍‌ରୁ ଅବକାରୀ ବିଭାଗ୍ ରାଜ୍ୟକେ ସବୁନୁ ଅଏତ୍‌କା ରାଜସ୍ୱ ଦେଉଛେ । ଆଏବା ୨ ବଛର୍ ଭିତ୍‌ରେ ରାଜ୍ୟନୁ ସବୁପ୍ରକାର୍ ବେଆଇନ୍ ନିଶା କାର୍‌ବାର୍ ବନ୍ଦ୍ କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇଥିର୍‌ଲାଗି ରାଜ୍ୟ ସର୍‌କାର୍ ଆଇନ୍‌ଥି ଦର୍‌କାରୀ ପରିବର୍ତନ୍ କର୍‌ବାର୍‌କେ ଯାଉଛନ୍ । ଯେନ୍‌ଥି ଦୋଷୀଙ୍କର୍ ବିରୋଧ୍ ନ କଠୋର୍ ଦଣ୍ଡ ବିଧାନ୍ ଆର୍ ଜରିମାନା ବ୍ୟବସ୍ଥା ରହେବା ।

ଅନୁଗୁଲ୍ ଜିଲ୍ଲାର୍ ଦିଶା ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ଅନୁଗୁଲ୍ ଜିଲ୍ଲାର୍ ଦିଶା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଜିଲ୍ଲାର୍ ସର୍କିଟ୍ ହାଉସ୍ ଠାନେ ହେଇଥିବା ଇ ବୈଠକ୍‌ଥି ଢେଙ୍କାନାଲ୍

ସାଂସଦ୍ ରୁଦ୍ରନାରାୟଣ୍ ପାଣି, ଅନୁଗୁଲ୍ ବିଧାୟକ୍ ପ୍ରତାପ୍ ଚନ୍ଦ୍ର ପ୍ରଧାନ୍ ଆର୍ ଅଲ୍‌ଗା ଲୋକପ୍ରତିନିଧିମାନେ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଜିଲ୍ଲା ନ ଚାଲିଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜ୍‌ନା, ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜନା ଆଉ ସୁଭଦ୍ରା ଯୋଜ୍‌ନାର୍ କାର୍ଯ୍ୟକାରିତା ଉପ୍‌ରେ ଆଲୋଚନା କରିଥିଲେ ।

ବନଖଣ୍ଡ ଅଧିକାରୀ ସମ୍ମିଲନୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଜଙ୍ଗଲ୍ ଆଉ ଜଙ୍ଗଲି ଜନ୍ତୁଙ୍କର୍ ସୁରକ୍ଷା ଲାଗି ନିଷ୍ଠା ଆଉ ସଚ୍ଚୋଟତାର୍ ସହେତେ କାମ୍ କର୍‌ବାର୍‌କେ ଜଙ୍ଗଲ୍, ପରିବେଶ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ବନଖଣ୍ଡ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଭୁବ୍‌ନେଶ୍ୱର୍ ଅରଣ୍ୟ ଭବନ୍ ଠାନେ ଗଲାକାଏଲ୍ ରାଜ୍ୟସ୍ତରୀୟ ବନଖଣ୍ଡ ଅଧିକାରୀ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ କହିଛନ୍ ଯେ, ବନଖଣ୍ଡ ଅଧିକାରୀମାନେ ଭଲ୍ କାମ୍ କରୁଛନ୍ । ସେମାନ୍‌କର୍ ନିଷ୍ଠା ଆଉ ପ୍ରୟାସ୍ ଲାଗି ରାଏଜେ ଜଙ୍ଗଲ୍ ଇଲାକା ବଢ୍‌ବାର୍‌କେ ଲାଗିଛେ ।

ଏସିଆନ୍ ଚମ୍ପିଆନ୍ ଟ୍ରଫି-ହକି        ଆର୍‌ଏନ୍‌ୟୁ / ସମ୍ବଲପୁର

ଭାରତୀୟ ମହିଲା ହକି ଦଲ ଏସିଆନ୍ ଚମ୍ପିଆନ୍ ଟ୍ରଫିଥି ଚମ୍ପିଆନ୍ ହେଇଛେ । ଫାଇନାଲ୍ ମେଚ୍‌ଥି ଭାରତ୍ ଦଲ୍ ଚୀନ୍‌କେ ୧-ଶୂନ୍ ଗୋଲ୍‌ଥି ହରେଇକରି ଇ ମେଚ୍ ଜିତିଛେ । ମହିଲା ହକି ଦଲ୍ ଲଗାତାର୍ ୨ ନମ୍ବର୍ ଥର୍ ଆର୍ ମୋଟ୍ ୩ ଥର୍ ଚମ୍ପିଆନ୍ ଟାଇଟଲ୍ ଜିତ୍‌ବାର୍ ଗୌରବ୍ ପାଇଛେ । ଭାରତୀୟ ଦଲର୍ ଇ ସଫଲତାଥି ଖୁସି ହେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସବୁ ଖେଲାଲୀଙ୍କୁ ଅଭିନନ୍ଦନ୍ ଜନେଇଛନ୍ ।

ବିଶ୍ୱ ମସ୍ୟ ଦିବସ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ମସ୍ୟ ଚାଷୀ, ମସ୍ୟଜୀବୀ ଆଉ ମାଛ୍ ଚାଷ୍ ସହେତେ ଜୁଡ଼ି ହେଇକରି ଥିବାର୍ ଲୁକ୍‌କୁ ତହଁକାବାର୍ ଲାଗି ଆଏଜ୍ ବିଶ୍ୱ ମସ୍ୟ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମସ୍ୟ ଚାଷୀମାନ୍‌କୁ ଶୁଭେଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ସେ କହିଛନ୍ ଯେ, ମାଛ୍ ଚାଷ୍ ସହେତେ ସାମୁଦ୍ରିକ ମାଛ ଉତ୍ପାଦନ୍‌ଥି ଓଡ଼ିଶାକେ ଗୁଟେ ଆଗୁଆ

ରାଜ୍ୟ ଭାବେ ତିଆର୍ କର୍ବାର୍କେ ତାଙ୍କର୍ ସର୍କାର୍ ସଂକଳ୍ପବଦ୍ଧ ।

ବର୍ଗଡ଼୍ ପୁସ୍ତକ୍ ମେଳା          ବର୍ଗଡ଼୍ ସମ୍ବାଦଦାତା

ବର୍ଗଡ଼୍ ଗାନ୍ଧୀ ସ୍ମୃତି ପାଠାଗାର୍ ତର୍ଫୁ ୨୧ ନମ୍ବର୍ ବର୍ଗଡ଼୍ ପୁସ୍ତକ୍ ମେଳା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଛେ । ବର୍ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଇ ମେଳାର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ପାଠାଗାର୍ ତର୍ଫୁ ହେଇଥିବା ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତି ପ୍ରତିଯୋଗୀମାନ୍‌କୁ ପୁରସ୍କାର୍ ଦିଆଯାଇଥିଲା ।